# NATIONAL NEWS BULLETIN (ODIA)

**9 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଉତ୍ତରାଖଣ୍ଡ ସ୍ଥାପନ ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଆସନ୍ତାକାଲି ଆନୁଷ୍ଠାନିକ ଭାବେ ଅବସର ଗ୍ରହଣ କରିବେ ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ ।

- ଆଇନ୍‌ଗତ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଆଜି ପାଳିତ ହେଉଛି ଜାତୀୟ ଆଇନ୍ ସେବା ଦିବସ ।

- ପାକିସ୍ତାନ ବଲୁଚିସ୍ତାନ ବିସ୍ଫୋରଣରେ ୨୪ ମୃତ, ୪୦ ଗୁରୁତର ।

ଏବଂ

- ଶ୍ରୀଲଙ୍କାର ରଣଗିରି ଦାମ୍ବୁଲା ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଆଜି ଅନୁଷ୍ଠିତ ହେବ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟି-୨୦ ।

---

## ଭିପି-ଉତ୍ତରାଖଣ୍ଡ ଡେ

ଉତ୍ତରାଖଣ୍ଡ ସ୍ଥାପନ ଦିବସ ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଲୋକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଧଡ଼ଖଡ କହିଛନ୍ତି ହିମାଳୟରୁ ଆରମ୍ଭ କରି

ଗଙ୍ଗାନଦୀ ପର୍ଯ୍ୟନ୍ତ ଉତ୍ତରାଖଣ୍ଡ ସୌନ୍ଦର୍ଯ୍ୟମୟ ଏବଂ ଆଧ୍ୟାତ୍ମିକତାରେ ପୂର୍ଣ୍ଣ ରହିଛି । ଶ୍ରୀ ଧନଖଡ ଏହି ଅବସରରେ ରାଜ୍ୟବାସୀଙ୍କ ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉତ୍ତରାଖଣ୍ଡ ସ୍ଥାପନ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭକାମନା ଜଣାଇଛନ୍ତି । ସେ କହିଛନ୍ତି ଉତ୍ତରାଖଣ୍ଡ ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟରେ ପରିପୂର୍ଣ୍ଣ ଭୂମି । ଶ୍ରୀ ଶାହା କହିଛନ୍ତି ଉତ୍ତରାଖଣ୍ଡ ଲୋକମାନଙ୍କର ଧର୍ମ ଏବଂ ସଂସ୍କୃତି ପ୍ରତି ଅସୀମ ଆସ୍ଥା ଏବଂ ପ୍ରକୃତି ପ୍ରତି ଭଲପାଇବା ରହିଛି । ସେ କହିଛନ୍ତି ଉତ୍ତରାଖଣ୍ଡ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ତଥା ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କ ନେତୃତ୍ୱରେ ନିରନ୍ତର ଭାବେ ବିକାଶ ପଥରେ ଅଗ୍ରସର ହେଉଛି ।

## ପିଏମ୍-ଉତ୍ତରାଖଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରାଖଣ୍ଡର ସାମଗ୍ରିକ ବିକାଶ କାର୍ଯ୍ୟର ପ୍ରଶଂସା କରି କହିଛନ୍ତି ରାଜ୍ୟ ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଉତ୍ତରାଖଣ୍ଡର ଆଜି ୨୫ତମ ସ୍ଥାପନା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ସମ୍ବୋଧିତ କରି କହିଛନ୍ତି ଆଜି ଉତ୍ତରାଖଣ୍ଡରେ ରଜତ ଜୟନ୍ତୀ ସମାରୋହ ଆରମ୍ଭ ହେଉଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଉତ୍ତରାଖଣ୍ଡର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆସନ୍ତା ୨୫ ବର୍ଷ ନିମନ୍ତେ ଆଜିଠାରୁ ଯାତ୍ରା ଆରମ୍ଭ କରିବାକୁ ପଡିବ । ସେ କହିଛନ୍ତି ଆସନ୍ତା ୨୫ ବର୍ଷରେ ଦେଶ ବିକଶିତ ଭାରତ ସହ ବିକଶିତ ଉତ୍ତରାଖଣ୍ଡର ସଂକଳ୍ପ ପୂର୍ଣ୍ଣ ହେଉଥିବାର ଦେଖିବ । ପ୍ରଧାନମନ୍ତ୍ରୀ କହିଛନ୍ତି କେନ୍ଦ୍ର ସରକାର ରାଜ୍ୟର ବିକାଶ ନିମନ୍ତେ ସମସ୍ତ ଉଦ୍ୟମ କରୁଛନ୍ତି । ଶ୍ରୀ ମୋଦୀ କହିଛନ୍ତି ସମାବେଶୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଉତ୍ତରାଖଣ୍ଡ ୨୦୨୩-୨୪ ବର୍ଷରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି । ସେ କହିଛନ୍ତି ଗତ ୨ ବର୍ଷ ମଧ୍ୟରେ ଉତ୍ତରାଖଣ୍ଡର ଜିଡିପି ଏକ ଚର୍ତୁଥାଂଶ ବୃଦ୍ଧି ପାଇଛି । ୨୦୨୪ରେ ଉତ୍ତରାଖଣ୍ଡର ସାମଗ୍ରୀ ଓ ସେବାକର ୧୪ ପ୍ରତିଶତ ବୃଦ୍ଧି ପାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ୨୦୧୪ରେ ସେଠାରେ ମୁଣ୍ଡପିଛା ଆୟ ୧ଲକ୍ଷ ୨୫ହଜାର ଟଙ୍କା ଥିବାବେଳେ ଏହା ୨ଲକ୍ଷ ୬୦ହଜାରକୁ ବୃଦ୍ଧି ପାଇଛି ।

## ସିଜେଆଇ-ଫେୟାରୱେଲ୍

ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଆସନ୍ତାକାଲି ଆନୁଷ୍ଠାନିକ ଭାବେ ସୁପ୍ରିମକୋର୍ଟରୁ ଅବସର ଗ୍ରହଣ କରିବେ । ଜଷ୍ଟିସ୍ ସଂଜୀବ ଖାନ୍ନା ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ଅନେକ ଐତିହାସିକ ରାୟ ପ୍ରଦାନ କରିଥିବା ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କର ଗତକାଲି

କୋର୍ଟରେ ଶେଷ କାର୍ଯ୍ୟଦିବସ ଥିଲା । ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପ୍ରଦାନ କରିଥିବା ରାୟ ଗୁଡ଼ିକ ମଧ୍ୟରେ ଅଯୋଧ୍ୟା ଜମି ବିବାଦ, ସହମତି କ୍ରମେ ସମଲିଙ୍ଗୀ ଯୌନ ସଂପର୍କକୁ ଅପରାଧମୁକ୍ତ କରିବା ଏବଂ ଅବିବାହିତ ମହିଳାଙ୍କ ପାଇଁ ଗର୍ଭପାତ ଅଧିକାର ଆଦି ଅନ୍ତର୍ଭୁକ୍ତ । ୨୦୧୬ରେ ସୁପ୍ରିମକୋର୍ଟକୁ ବିଚାରପତି ଭାବେ ପଦୋନ୍ନତି ପାଇବା ପରେ ୨୦୨୨ ନଭେମ୍ବର ୧୧ ତାରିଖରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ୧ ହଜାର ୨୭୫ଟି ଖଣ୍ଡପୀଠରେ ମାମଲାଗୁଡ଼ିକର ଶୁଣାଣି କରିଛନ୍ତି । ବିଦାୟୀ  ଭାଷଣରେ ଗତକାଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପରବର୍ତ୍ତୀ ପ୍ରଧାନ ବିଚାରପତି ଜଷ୍ଟିସ୍ ଖାନ୍ନାଙ୍କୁ ଜଣେ ସ୍ଥିର ଏବଂ ଦକ୍ଷ ବ୍ୟକ୍ତିତ୍ୱ ଭାବେ ପ୍ରଶଂସା କରିଛନ୍ତି ।

## ଝାଡ଼ଖଣ୍ଡ-ଇନ୍‌କମ ଟ୍ୟାକ୍ସ ରେଡ୍

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ନିକଟତମ ଏବଂ ବ୍ୟକ୍ତିଗତ ସଚିବ ସୁନୀଲ ଶ୍ରୀବାସ୍ତବଙ୍କ ଘର ଉପରେ ଆୟକର ବିଭାଗ ଚଢ଼ଉ କରିଥିବା ଜଣାପଡିଛି । ଆୟକର ବିଭାଗ ପକ୍ଷରୁ ରାଞ୍ଚି ଏବଂ ଜାମ୍‌ସେଦପୁରର ୯ଟି ସ୍ଥାନରେ ଚଢ଼ଉ ଚାଲିଛି ।

# ଲିଗାଲ ସର୍ଭିସେସ ଡେ

ଆଇନ୍‌ଗତ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ଅବହେଳିତ ସମ୍ପ୍ରଦାୟର ଲୋକଙ୍କ ପାଇଁ ନ୍ୟାୟ ବ୍ୟବସ୍ଥା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଜି ଜାତୀୟ ଆଇନ୍ ସେବା ଦିବସ ପାଳିତ ହେଉଛି । ଏହି ଦିବସରେ ବିଭିନ୍ନ ସଂଗଠନ ଜରିଆରେ ଲୋକମାନଙ୍କୁ ସେମାନଙ୍କ ଆଇନ୍‌ଗତ ଅଧିକାର ବିଷୟରେ ସଚେତନ କରାଯାଉଛି । ଆଇନ୍‌ସେବା ଦିବସ ପାଳନ ସମୟରେ ଆଲୋଚନା ମାଧ୍ୟମରେ ବିବାଦ ସମାଧାନ ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରାଯାଉଥିବା ଜଣାପଡିଛି ।

୧୯୯୫ ମସିହା ନଭେମ୍ବର ୯ ତାରିଖରେ ଦେଶରେ ଗରିବ ଓ ଅବହେଳିତ ଲୋକଙ୍କୁ ଆଇନ୍‌ଗତ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଆଇନ୍ ସେବା ପ୍ରାଧିକରଣ ଅଧିନିୟମ ଆରମ୍ଭ ହୋଇଥିଲା । ଫଳରେ ସେହିବର୍ଷ ଡିସେମ୍ବର ୫ ତାରିଖରେ ଜାତୀୟ ଆଇନ୍ ସେବା ପ୍ରାଧିକରଣ ପ୍ରତିଷ୍ଠା କରାଯାଇଥିଲା । ସେବେଠାରୁ ପ୍ରତ୍ୟେକ ବର୍ଷ ଜାତୀୟ ଆଇନ୍ ସେବା ଦିବସ ପାଳନ କରାଯାଉଛି ।

# ହର୍ଷ ମାଲହୋତ୍ରା

ସଡ଼କ ପରିବହନ ଏବଂ ରାଜପଥ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା ଆଜି ନୂଆଦିଲ୍ଲୀରେ ରନ୍ ଫର ଇନ୍‌କ୍ଲୁଜନ ମାରାଥନର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ବିଜେପି ସାଂସଦ ମନୋଜ ତିୱାରୀ ଏବଂ ବାଂଶୁରି

ସ୍ୱରାଜ ଉପସ୍ଥିତ ଥିଲେ । ସ୍ପେଶାଲ ଅଲମ୍ପିକ ଭାରତ ଦ୍ୱାରା ଏହି ମାରାଥନର ଆୟୋଜନ କରାଯାଇଥିଲା । ଏହି ମାରାଥନର ଉଦ୍ଦେଶ୍ୟ ହେଉଛି ସ୍ପେଶାଲ ଅଲମ୍ପିକ ଏସିଆ ପାସିଫିକ ବୋଚି ଏବଂ ବୋଲିଂ ପ୍ରତିଯୋଗିତାର ପ୍ରସ୍ତୁତି କରିବା । ଏହି ପ୍ରତିଯୋଗିତା ଚଳିତମାସ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଆଜି ଅନୁଷ୍ଠିତ ମାରାଥନରେ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରୁ ବହୁସଂଖ୍ୟାରେ ଜନସାଧାରଣ ଭାଗ ନେଇଥିଲେ ।

## ଫିରୋଜାବାଦ ଆକ୍ସିଡେଣ୍ଟ

ଫିରୋଜାବାଦ ଜିଲ୍ଲା ଅନ୍ତର୍ଗତ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେରେ ଆଜି ସକାଳେ ରାସ୍ତାକଡ଼ରେ ଛିଡାହୋଇଥିବା ଏକ ଗାଡ଼ିକୁ ଏକ ବସ୍ ଧକ୍କା ଦେବାଫଳରେ ୫ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ଅନେକ ଲୋକ ଆହତ ହୋଇଛନ୍ତି । ସେଠାକାର ଗ୍ରାମାଞ୍ଚଳ ପୁଲିସ ଅଧୀକ୍ଷକଙ୍କ ଅନୁଯାୟୀ ମଥୁରାରୁ ଲକ୍ଷ୍ନୌ ଯାଉଥିବା ବସ୍ ଥାନା ନସିରପୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛି ।

# ପାକିସ୍ତାନ ବ୍ଲାଷ୍ଟ

ପାକିସ୍ତାନର ବଲୁଚିସ୍ତାନସ୍ଥିତ କ୍ୱେଟା ରେଳଷ୍ଟେସନ ନିକଟରେ ବିସ୍ଫୋରଣରେ ୨୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୦ଜଣ ଗୁରୁତର ଆହତ ହୋଇଛନ୍ତି । ବିସ୍ଫୋରଣ ସମୟରେ ଏକ ରେଳଗାଡ଼ି ପ୍ଲାଟଫର୍ମରୁ ପେଶାଓ୍ୱାର ଯିବାକୁ ପ୍ରସ୍ତୁତ ହେଉଥିଲା । ଘଟଣାସ୍ଥଳରେ ପୋଲିସ ଏବଂ ଅନୁସନ୍ଧାନକାରୀ ଦଳ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

ସୂଚନାଯୋଗ୍ୟ ଏକସପ୍ତାହ ପୂର୍ବରୁ ପାକିସ୍ତାନର ପଶ୍ଚିମାଞ୍ଚଳରେ ଏକ ବାଳିକା ବିଦ୍ୟାଳୟ ନିକଟରେ ବିସ୍ଫୋରଣରେ ୫ଜଣ ଶିଶୁଙ୍କ ସମେତ ୭ଜଣଙ୍କ ମୃତ୍ୟୁ ହୋଇଥିଲା ।

# ଗଭ୍-ହଜ୍ ପିଲିଗ୍ରିମେଜ

ହଜ୍ ଯାତ୍ରାକୁ ସହଜ କରିବା ପାଇଁ କେନ୍ଦ୍ର ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଯାତ୍ରାକୁ ସୁରକ୍ଷିତ କରିବା ଲାଗି ସରକାରଙ୍କ ପକ୍ଷରୁ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି । ଫଳରେ ଅଧିକରୁ ଅଧିକ ମହିଳାମାନେ ହଜ୍ ଯାତ୍ରାରେ ସହଜରେ ଯାତ୍ରା କରିପାରିବେ । ବିଶେଷକରି ନିମ୍ନ ଆୟକାରୀ ବ୍ୟକ୍ତିଙ୍କ ପାଇଁ ହଜ୍ ତୀର୍ଥଯାତ୍ରାରେ ସରକାରଙ୍କ ପକ୍ଷରୁ ଅନେକ ସୁବିଧା କରାଯାଇଛି ।

ବିଶେଷକରି ମହିଳାମାନଙ୍କ ପାଇଁ ପଦକ୍ଷେପ ସ୍ୱରୂପ ତୀର୍ଥଯାତ୍ରୀ ସହାୟତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଚଳିତବର୍ଷ ଜାନୁଆରୀରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ଅନୁଯାୟୀ  ଚଳିତବର୍ଷ ହଜ୍ ଯାତ୍ରା ପାଇଁ ଭାରତରୁ ୧ଲକ୍ଷ

୭୫ହଜାରରୁ ଅଧିକ ତୀର୍ଥଯାତ୍ରୀଙ୍କ ଯାତ୍ରା ନିମନ୍ତେ ବ୍ୟବସ୍ଥା କରାଯାଇଥିବାବେଳେ ୧ଲକ୍ଷ ୪୦ହଜାର ଆସନ ସଂରକ୍ଷିତ କରାଯାଇଥିଲା । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧ଲକ୍ଷ ୭୫ହଜାର ତୀର୍ଥଯାତ୍ରୀଙ୍କ ପାଇଁ ବ୍ୟାପକ ଚିକିତ୍ସା ବ୍ୟବସ୍ଥା କରାଯାଇଛି । ଯେଉଁଥିରେ ୬୦ବର୍ଷରୁ ଅଧିକ ବୟସର ପ୍ରାୟ ୪୦ହଜାର ବୟସ୍କ ବ୍ୟକ୍ତି ଅଛନ୍ତି । ୨୪ଘଣ୍ଟିଆ ଚିକିତ୍ସା ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା । ବିଶେଷକରି ବିଦେଶରେ ତୀର୍ଥଯାତ୍ରୀମାନଙ୍କ କଲ୍ୟାଣ ଏବଂ ସୁରକ୍ଷାକୁ ପ୍ରାଥମିକତା ଦେବାପାଇଁ ସରକାରଙ୍କ ପକ୍ଷରୁ ଭାରତୀୟ ଦୂତାବାସ ଗୁଡ଼ିକରେ ସୁବିଧା କେନ୍ଦ୍ର ସ୍ଥାପନ କରାଯାଇଥିଲା ।

## ପ୍ୟାଡି ପ୍ରୋକୋରମେଣ୍ଟ

ପଞ୍ଜାବରେ ଥିବା ମଣ୍ଡି ଗୁଡ଼ିକରେ ୧୨୬ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଧାନ ପହଞ୍ଚି ସାରିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ମିଳିଛି । ସେଥିମଧ୍ୟରୁ ୧୨୦ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଧାନ ରାଜ୍ୟ ସଂସ୍ଥା ଏବଂ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା କ୍ରୟ କରାଯାଇଛି । ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏ ଗ୍ରେଡ୍ ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨ହଜାର ୩୨୦ ଟଙ୍କାରେ କ୍ରୟ କରାଯାଉଛି । ଚଳିତ ଖରିଫ

ଋତୁରେ ସରକାରଙ୍କ ଦ୍ୱାରା ୨୭ହଜାର ୯୯୫କୋଟି ଟଙ୍କାର ଧାନ କ୍ରୟ କରାଯାଇଛି । ଏଥିରେ ୬ଲକ୍ଷ ୫୮ହଜାର କୃଷକ ଲାଭାନ୍ୱିତ ହୋଇଛନ୍ତି ।

ଗତ ଅକ୍ଟୋବର ପହିଲାରୁ ଚଳିତ ଖରିଫ ଋତୁ ପାଇଁ ପଞ୍ଜାବରେ ଧାନକିଣା ଆରମ୍ଭ ହୋଇଛି । ରାଜ୍ୟରେ ଥିବା ୨ହଜାର ୯୨୭ଟି ପଞ୍ଜିକୃତ ମଣ୍ଡିରେ ଏବଂ ଅନ୍ୟକେତେକ ଅସ୍ଥାୟୀ ସ୍ଥାନରେ ଧାନକ୍ରୟ କରାଯାଉଛି । ଚଳିତ ଖରିଫ ଋତୁରେ ନଭେମ୍ବର ୩୦ ତାରିଖ ସୁଦ୍ଧା କେନ୍ଦ୍ର ସରକାର ୧୮୫ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଯୋଜନା ରଖିଛନ୍ତି ।**ସିକନ୍ଦରାବାଦ ଟ୍ରେନ୍ ଡିରେଲମେଣ୍ଟ**

ପଶ୍ଚିମବଙ୍ଗ ଖଡଗପୁର ଡିଭିଜନ ନାଲପୁର ଷ୍ଟେସନ ନିକଟରେ ଆଜି ସକାଳେ ସିକନ୍ଦରାବାଦ-ସାଲିମାର ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ରେଳଧାରଣାରୁ ଖସିଯିବାରୁ ଦୁର୍ଘଟଣା ଘଟିଛି । ଦକ୍ଷିଣ ମଧ୍ୟ ରେଳବାଇର ଜଣେ ଅଧିକାରୀ ଆକାଶବାଣୀକୁ କହିଛନ୍ତି ସାଲିମାର ଏକ୍ସପ୍ରେସ୍‌ର ଗୋଟିଏ ପାର୍ସଲ ଭ୍ୟାନ୍ ଏବଂ ଦୁଇଟି ବଗି ରେଳ ଧାରଣାରୁ ଖସିଯାଇଛି । ଏହି ଘଟଣାରେ କେହି ଆହତ ହୋଇନାହାନ୍ତି । ଅଧିକାରୀ ଜଣକ କହିଛନ୍ତି ସନ୍ତ୍ରାଗାଛି ଏବଂ ଖଡଗପୁରରୁ ସ୍ୱତନ୍ତ୍ର ମେଡ଼ିକାଲ ସହାୟତା ଟ୍ରେନ୍ ଘଟଣାସ୍ଥଳରେ ପହଞ୍ଚିସାରିଛି । ଯାତ୍ରୀମାନଙ୍କୁ ବସ୍ ଏବଂ ଅନ୍ୟ ଟ୍ରେନ୍‌ରେ

ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ଲାଗି ବ୍ୟବସ୍ଥା କରାଯାଉଛି । ଇତିମଧ୍ୟରେ ରେଳବିଭାଗ ପକ୍ଷରୁ ସହାୟତା ଡେସ୍କ ଖୋଲାଯାଇଛି ।

## ହକି ଆୱାର୍ଡ୍‌ସ

ଭାରତୀୟ ପୁରୁଷ ହକି ଟିମ୍‌ର ଅଧିନାୟକ ହରମନପ୍ରୀତ୍ ସିଂହ ୨୦୨୪ ବର୍ଷ ନିମନ୍ତେ ଏଫ୍.ଆଇ.ଏଚ୍ ପ୍ଲେୟର ଅଫ୍ ଦ ଇୟର ପୁରସ୍କାର ଜିତିଛନ୍ତି । ପୂର୍ବତନ ଗୋଲ୍‌କିପର ପି.ଆର୍.ଶ୍ରୀଜେଶଙ୍କୁ ଗୋଲକିପର ଅଫ୍ ଦ ଇୟର ସମ୍ମାନ ନିମନ୍ତେ ଚୟନ କରାଯାଇଛି । ହରମନପ୍ରୀତି ଏବଂ ଶ୍ରୀଜେଶଙ୍କୁ ଗତକାଲି ଓମାନରେ ଅଣଚାଶତମ ଏଫ୍‌ଆଇଏଚ୍ ବୈଧାନିକ କଂଗ୍ରେସ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଅଲମ୍ପିକ୍ସରେ ୨ଥର ବ୍ରୋଞ୍ଜପଦକ ହାସଲ କରିଥିବା ହରମନପ୍ରୀତିଙ୍କୁ ୬୩ପ୍ରତିଶତ ମିଳିଥିବାବେଳେ ଶ୍ରୀଜେଶଙ୍କୁ ୬୨ପ୍ରତିଶତରୁ ଅଧିକ ଭୋଟ୍ ମିଳିଥିଲା ।

## କ୍ରିକେଟ : ଶ୍ରୀଲଙ୍କା–ନ୍ୟୁଜିଲାଣ୍ଡ

କ୍ରିକେଟରେ ଆଜି ଶ୍ରୀଲଙ୍କାର ରଣଗିରି ଦାମ୍ବୁଲା ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟି-୨୦ ମ୍ୟାଚ୍ ଖେଳାଯିବ । ଦୁଇଟିକିଆ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଭାରତୀୟ ସମୟ ସଂଧ୍ୟା ୭ଟାରୁ ଆରମ୍ଭ ହେବ । ଉଭୟ ଦଳ ୨ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବେ ।

ଏହାପୂର୍ବରୁ ଶ୍ରୀଲଙ୍କା ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍‌ରେ ୨-୧ରେ ବିଜୟୀ ହୋଇଥିଲା ।